# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 17 July – 2025

**********************************

## ମୁଖ୍ୟ ସମ୍ବାଦ

- ସ୍ୱଚ୍ଛତା ଦେଶର ସାଂସ୍କୃତିକ ଚେତନାର ମୂଳଦୁଆ; କହିଲେ ରାଷ୍ଟ୍ରପତି
- ଚଳିତ ବର୍ଷ ପାଇଁ ବରିଷ୍ଠ ନାଗରିକ ତୀର୍ଥଯାତ୍ରୀ ଯୋଜନାରେ ଆଜିଠାରୁ ଆରମ୍ଭ ହେଲା ପଞ୍ଜୀକରଣ
- ସମସ୍ତଙ୍କ ପାଖରେ ନ୍ୟାୟର ସୁଫଳ ପହଁଞ୍ଚାଇବା ଲକ୍ଷ୍ୟ ନେଇ ଆଜି ପାଳନ କରାଯାଉଛି ଅନ୍ତର୍ଜାତୀୟ ନ୍ୟାୟ ଦିବସ

ଏବଂ

- ଚଳିତ ମୌସୁମୀ ଋତୁରେ ଏ ପର୍ଯ୍ୟନ୍ତ ରାଜ୍ୟରେ ସ୍ୱାଭାବିକଠାରୁ ଅଧିକ ହୋଇଛି ବର୍ଷା

*Desk*

## ସ୍ୱଚ୍ଛ ସର୍ବେକ୍ଷଣ

ସ୍ୱଚ୍ଛତା' ଦେଶର ସାଂସ୍କୃତିକ ଚେତନାର ମୂଳଦୁଆ ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି। ନୂଆଦିଲ୍ଲୀରେ ଆୟୋଜିତ ସ୍ୱଚ୍ଛ ସର୍ବେକ୍ଷଣ ୨୦୨୪-୨୫ ସମାରୋହରେ ଯୋଗଦେଇ ରାଷ୍ଟ୍ରପତି ଏହି କହିଛନ୍ତି। ସ୍ୱଚ୍ଛ ଭାରତ ମିଶନର ସଫଳତା ନେଇ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳଗୁଡ଼ିକୁ ପ୍ରଶଂସା କରିବା ସହ ସ୍ୱଚ୍ଛ ସର୍ବେକ୍ଷଣ ଏକ ସଫଳ ପଦକ୍ଷେପ ବୋଲି ବର୍ଣ୍ଣନା କରିଛନ୍ତି।

**- V/O -**

ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବର୍ଗରେ ମୋଟ ୭୮ଟି ପୁରସ୍କାର ପ୍ରଦାନ କରାଯାଇଛି। ଚଳିତ ବର୍ଷ ସୁପର ସ୍ୱଚ୍ଛ ଲିଗ୍ ସହର ଏବଂ ପାଞ୍ଚୋଟି ଭିନ୍ନ ଜନସଂଖ୍ୟା ବର୍ଗରେ ଶ୍ରେଷ୍ଠ ତିନୋଟି ସ୍ୱଚ୍ଛ ସହର ସମେତ ଚାରୋଟି ବର୍ଗରେ ପୁରସ୍କାର ପ୍ରଦାନ କରାଯାଇଛି। ସର୍ବଭାରତୀୟ ସ୍ତରରେ ଗଞ୍ଜାମ ଜିଲ୍ଲାର ଆସିକା ଏନ.ଏ.ସି. ସ୍ୱଚ୍ଛ ସହର ଭାବରେ ପୁରସ୍କାର ପାଇଛି।

*Desk*

## ତୀର୍ଥଯାତ୍ରୀ ଯୋଜନା

ଚଳିତବର୍ଷ ପାଇଁ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ଆଜିଠାରୁ ପଞ୍ଜୀକରଣ ଆରମ୍ଭ ହୋଇଛି। ଆଗ୍ରହୀ ବ୍ୟକ୍ତିମାନେ ***yatra.odisha.gov.in*** ମାଧ୍ୟମରେ ଆସନ୍ତା ମାସ ୧୫ ତାରିଖ ପର୍ଯ୍ୟନ୍ତ

ଅନ୍‌ଲାଇନ୍ ମାଧ୍ୟମରେ ପଞ୍ଜୀକରଣ କରିପାରିବେ। ଅଫ୍‌ଲାଇନ୍ ମାଧ୍ୟମରେ ଉଭୟ ବ୍ଲକ୍ ଓ ଜିଲ୍ଲା ପ୍ରଶାସନର କାର୍ଯ୍ୟାଳୟରେ ମଧ୍ୟ ଆବେଦନ କରାଯାଇପାରିବ। ରାଜ୍ୟ ପର୍ଯ୍ୟଟନ ବିଭାଗ ଏବଂ ଆଇ.ଆର୍.ସି.ଟି.ସି'ର ମିଳିତ ସହଭାଗିତାରେ ଏହି ଯୋଜନାକୁ କାର୍ଯ୍ୟକାରୀ କରାଯାଉଛି। ପ୍ରତି ପର୍ଯ୍ୟାୟର ତୀର୍ଥଯାତ୍ରୀଙ୍କର ଅବଧି ପାଞ୍ଚ ରାତି ଏବଂ ୬ ଦିନ ମଧ୍ୟରେ ସୀମିତ ରହିବ। ରାଜ୍ୟର ୧୦ଟି ସ୍ଥାନରୁ ସହଯୋଗୀ ଅଧିକାରୀଙ୍କ ୮୦୦ ଜଣ ଲେଖାଏଁ ତୀର୍ଥଯାତ୍ରୀ ଗସ୍ତ କରିବାର ବ୍ୟବସ୍ଥା ହୋଇଛି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି।

**- V/O –**

***PIB***

## ଡିଜିଟାଲ- ସଶକ୍ତୀକରଣ ମୟୂରଭଞ୍ଜ

ଡିଜିଟାଲ ସଶକ୍ତୀକରଣ ନାଗରିକଙ୍କ ଜୀବନଶୈଳୀରେ ବ୍ୟାପକ ପରିବର୍ତ୍ତନ ଆଣିପାରିଛି। ଏହାର ଏକ ଉଦାହରଣ ହେଉଛନ୍ତି ମୟୂରଭଞ୍ଜ ଜିଲ୍ଲାର ଜଣେ ମହିଳା ମଞ୍ଜୁଲତା ଦେବୀ। ପାଖାପାଖି ୭୦ ପ୍ରତିଶତ ଜଙ୍ଗଲାଞ୍ଚଳ ପରିବେଷ୍ଟିତ ମୟୂରଭଞ୍ଜ ଜିଲ୍ଲାରେ ମଞ୍ଜୁଲତା ଜନସେବା କେନ୍ଦ୍ର ପ୍ରତିଷ୍ଠା କରି ସ୍ଥାନୀୟ ଲୋକଙ୍କ ପାଖରେ ଡିଜିଟାଲ ସେବା ପହଁଞ୍ଚାଉଛନ୍ତି। ଜନସେବା କେନ୍ଦ୍ର ଦିବସ ପାଳନ ଅବସରରେ ଗତକାଲି ନୂଆଦିଲ୍ଲୀଠାରେ ଅନୁଷ୍ଠିତ ଏକ ସମାରୋହରେ କେନ୍ଦ୍ର ରେଳ,

ଇଲେକ୍‌ଟ୍ରୋନିକ୍ସ, ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ତାଙ୍କୁ ସମ୍ମାନିତ କରିଥିଲେ । ମଞ୍ଜୁଲତା କହିଛନ୍ତି, ଜନସେବା କେନ୍ଦ୍ର ମାଧ୍ୟମରେ ସରକାରୀ ସୁବିଧା ସୁଯୋଗ ସ୍ଥାନୀୟ ଲୋକ ବିଶେଷ କରି ଆଦିବାସୀଙ୍କ ପାଖରେ ପହଁଞ୍ଚାଇପାରୁଥିବା ନିଜକୁ ଧନ୍ୟ ମନେ କରୁଛନ୍ତି । ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାରଙ୍କୁ ସେ ଧନ୍ୟବାଦ ଜଣାଇଛନ୍ତି ।

**- V/O -**

***Desk***

# ସୁରମା ପାଢ଼ୀ-ଆଲୋଚନା

ଆସାମ ବିଧାନସଭାର ପବ୍ଲିକ ଅଣ୍ଡରଟେକିଂ କମିଟିର ସଦସ୍ୟମାନେ ଓଡ଼ିଶା ଗସ୍ତରେ ଆସି ବାଚସ୍ପତି ସୁରମା ପାଢ଼ୀଙ୍କ ସହ ବିଧାନସଭାର ବିଭିନ୍ନ କାର୍ଯ୍ୟଧାରା ସମ୍ପର୍କରେ ଆଲୋଚନା କରିଛନ୍ତି । ଉଭୟ ରାଜ୍ୟରେ ପବ୍ଲିକ ଅଣ୍ଡରଟେକିଂ କମିଟି ଗ୍ରହଣ କରିଥିବା ଉଲ୍ଲେଖନୀୟ କାର୍ଯ୍ୟକୁ ଆପଣେଇବା ପାଇଁ ସଦସ୍ୟମାନେ ସହମତି ପ୍ରକାଶ କରିଛନ୍ତି ।

***Desk***

## ନ୍ୟାୟ ଦିବସ

ସମସ୍ତଙ୍କ ପାଖରେ ନ୍ୟାୟର ସୁଫଳ ପହଁଞ୍ଚାଇବା ଲକ୍ଷ୍ୟ ନେଇ ଆଜି ଅନ୍ତର୍ଜାତୀୟ ନ୍ୟାୟ ଦିବସ ପାଳନ କରାଯାଉଛି । ନ୍ୟାୟ ପ୍ରଦାନ ସୁନିଶ୍ଚିତ କରିବା ଯେତିକି ଗୁରୁତ୍ୱପୂର୍ଣ୍ଣ, ତୃଣମୂଳସ୍ତରରେ ଏହାକୁ ପହଁଞ୍ଚାଇବା

ସେତିକି ପ୍ରାସଙ୍ଗିକ ମଧ୍ୟ। ଏହି ଦୃଷ୍ଟିକୋଣକୁ ପାଥେୟ କରି ପ୍ରତିବର୍ଷ ଜୁଲାଇ ୧୭ ତାରିଖରେ ଅନ୍ତର୍ଜାତୀୟ ନ୍ୟାୟ ଦିବସ ପାଳନ କରାଯାଇଥାଏ। ସମସ୍ତଙ୍କ ପାଇଁ ନ୍ୟାୟ, ବିଶ୍ୱ ଶାନ୍ତି ପ୍ରତିଷ୍ଠା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ। ବିଶ୍ୱର ପ୍ରତ୍ୟେକ କୋଣ ଅନୁକୋଣରେ ନ୍ୟାୟ ପହଁଞ୍ଚାଇବାର ଲକ୍ଷ୍ୟ ନେଇ ୨୦୦୨ ଜୁଲାଇ ପହିଲାରେ ନେଦରଲାଣ୍ଡସର ହେଗ୍ ସହରରେ ବିଧିବଦ୍ଧ ଭାବେ ଅନ୍ତର୍ଜାତିକ ଅପରାଧ ନ୍ୟାୟାଳୟ କାର୍ଯ୍ୟ ଆରମ୍ଭ କରିଥିଲା। ରୋମ୍ ସମ୍ମିଳନୀର ବର୍ଷ ପୂର୍ତ୍ତି ପାଳନ ଅବସରରେ ସମ୍ମିଳିତ ରାଷ୍ଟ୍ର ସମୂହ ସ୍ୱତନ୍ତ୍ର ଭାବେ ଏହି ନ୍ୟାୟିକ ସଂସ୍ଥାନ ସ୍ଥାପନ ପାଇଁ ନିଷ୍ପତ୍ତି ନେଇଥିଲେ।  ଏବେ ୧୨୫ଟି ରାଷ୍ଟ୍ର ଏହି ସଂସ୍ଥାନର ସଦସ୍ୟ ହୋଇଛନ୍ତି। ଅନ୍ତର୍ଜାତୀୟ ନ୍ୟାୟାଳୟରେ ୧୫ ଜଣ ବିଚାରପତି ରହିଛନ୍ତି। ଯୁଦ୍ଧ ପ୍ରଭାବିତ ମାନବିକତା ବିରୋଧରେ ହେଉଥିବା ଅପରାଧ ଆଦି ବିଭିନ୍ନ କ୍ଷେତ୍ରରେ ନ୍ୟାୟ ପ୍ରଦାନ କରାଯିବା ଉପରେ ଏହି ଦିବସ ଗୁରୁତ୍ୱାରୋପ କରୁଛି।

***Desk***

## ମଧ୍ୟସ୍ଥତା ଅଭିଯାନ

ବିଚାରାଧୀନ ମାମଲାଗୁଡ଼ିକର ସହଜ ସମାଧାନ ଲକ୍ଷ୍ୟ ନେଇ କଳାହାଣ୍ଡି ଜିଲ୍ଲାରେ ସ୍ୱତନ୍ତ୍ର ମଧ୍ୟସ୍ଥତା ଅଭିଯାନ ଜାରି ରହିଛି। ଆସନ୍ତା ଅକ୍ଟୋବର ୬ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଅଭିଯାନ ଅଧୀନରେ ପାରିବାରିକ, ଦୁର୍ଘଟଣାଜନିତ, ଘରୋଇ ହିଂସା, ଜମିଜମା ବଣ୍ଟନ, ଜମି ଅଧିଗ୍ରହଣ, ଚାକିରି ସମ୍ବନ୍ଧୀୟ, ଗ୍ରାହକସେବା ଏବଂ ବ୍ୟାଙ୍କ ସମ୍ବନ୍ଧୀୟ

ମାମଲାଗୁଡ଼ିକର ବିକଳ୍ପ ସମାଧାନର ଲକ୍ଷ୍ୟ ରଖାଯାଇଛି। ରାଜ୍ୟ ଆଇନସେବା ପ୍ରାଧିକରଣ ସଦସ୍ୟ ସଚିବ ତଥା କଳାହାଣ୍ଡି ଜିଲ୍ଲା ଆଇନସେବା ପ୍ରାଧିକରଣର ଅଧ୍ୟକ୍ଷ ଓ ଜିଲ୍ଲା ଦୌରାଜଜ୍ ଅନୁପ ରଞ୍ଜନ ପଟ୍ଟନାୟକ ଏହି ମଧ୍ୟସ୍ଥତା ଅଭିଯାନର ସୁଯୋଗ ନେବାକୁ ସ୍ଥାନୀୟ ଜନସାଧାରଣଙ୍କୁ ଆହ୍ୱାନ ଦେଇଛନ୍ତି।

***HS***

## ସଡ଼କ ଦୁର୍ଘଟଣା

ଗଞ୍ଜାମ ଜିଲ୍ଲା ୧୬ ନମ୍ବର ଜାତୀୟ ରାଜପଥର ନାରାୟଣୀ ଛକଠାରେ ଏକ ସଡ଼କ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ହେବା ସହ ୧୨ ଜଣ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରେ ୮ ଜଣଙ୍କର ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି। ସେମାନଙ୍କୁ ପ୍ରଥମେ ଖଲ୍ଲିକୋଟ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ତେବେ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ବ୍ରହ୍ମପୁର ଆଙ୍କୁଲି ଅଞ୍ଚଳର ଗୋଟିଏ ପରିବାରର ୧୨ ଜଣ ସଦସ୍ୟ କେନ୍ଦୁଝର ଘଟଗାଁରୁ ତାରିଣୀ ଦର୍ଶନ ସାରି ଫେରୁଥିବା ବେଳେ ଏହି ଦୁର୍ଘଟଣା ଘଟିଛି। ତେବେ ଦୁର୍ଘଟଣାର ଅଧିକ ତଦନ୍ତ ଜାରି ରହିଥିବା ପୁଲିସ ସୂଚନା ଦେଇଛି।

***BHK***

## ଏକ୍ ପେଡ଼୍ ମା କେ ନାମ

ଭଦ୍ରକ ଜିଲ୍ଲାର ବିଭିନ୍ନ ସ୍ଥାନରେ ‘ଏକ ପେଡ଼୍ ମା’ କେ ନାମ୍’ ଅଭିଯାନ ଅନ୍ତର୍ଗତ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

ପରିବେଶ ସୁରକ୍ଷା ନେଇ ଜନସଚେତନତ ବୃଦ୍ଧି ଲକ୍ଷ୍ୟରେ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ, ଶିକ୍ଷାନୁଷ୍ଠାନ ପକ୍ଷରୁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି ।

***Keonjhar***

## ହାତୀ ମୃତ୍ୟୁ ଘଟଣା

କେନ୍ଦୁଝର ଜିଲ୍ଲା ତେଲକୋଇ ବନଖଣ୍ଡ ଅନ୍ତର୍ଗତ ସଲେଇକେନା ସଂରକ୍ଷିତ ଜଙ୍ଗଲରେ ହାତୀ ମୃତ୍ୟୁ ଘଟଣାରେ ବନବିଭାଗ ପାଞ୍ଚ ଜଣଙ୍କୁ ଗିରଫ କରିଛି । ଏହି ଜଙ୍ଗଲରେ ହାତୀର ଗଳିତ ମୃତଦେହକୁ ଜବତ କରିବା ପରେ ବନବିଭାଗ ପକ୍ଷରୁ ତଦନ୍ତ ଆରମ୍ଭ କରାଯାଇଥିଲା । ତେବେ ହାତୀ ମୃତ୍ୟୁ କାରଣ ସମ୍ପର୍କରେ ଏ ପର୍ଯ୍ୟନ୍ତ ସଠିକ ସୂଚନା ମିଳି ନଥିବା ଜଣାପଡ଼ିଛି ।

***Desk***

## ବନକଲାଗି ନୀତି

ଶ୍ରାବଣ କୃଷ୍ଣ ସପ୍ତମୀ ତିଥିରେ ଆଜି ପୁରୀ ଶ୍ରୀମନ୍ଦିରର ଶ୍ରୀବିଗ୍ରହମାନଙ୍କର ବନକଲାଗି ନୀତି ଅନୁଷ୍ଠିତ ହେବ । ଦ୍ୱିତୀୟ ଭୋଗମଣ୍ଡପ ନୀତି ଶେଷ ହେବା ପରେ ସନ୍ଧ୍ୟା ସାଢ଼େ ୬ଟାରୁ ରାତି ୧୧ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି ।

**Khordha**

# ବୈଠକ

ଖୋର୍ଦ୍ଧା ଜିଲ୍ଲା ଡାଏରିଆ, ଡେଙ୍ଗୁ ଏବଂ ମ୍ୟାଲେରିଆ ପ୍ରତିରୋଧ କମିଟି ପକ୍ଷରୁ ଅନୁଷ୍ଠିତ ବୈଠକରେ ୧୩ହଜାର ୭୧୮ଜଣ ରୋଗୀଙ୍କ ରକ୍ତନମୂନା ପରୀକ୍ଷା କରାଯାଇ ୧୭୦ଜଣ ଡେଙ୍ଗୁ ରୋଗୀ ଚିହ୍ନଟ କରାଯାଇଥିବା ସୁଚନା ଦିଆଯାଇଛି । ମ୍ୟାଲେରିଆ ଏବଂ ଡାଏରିଆ ନିରାକରରଣ ନିମନ୍ତେ ତ୍ୱରିତ ପଦକ୍ଷେପ ନେବାକୁ ବୈଠକରେ ଆଲୋଚନା ହୋଇଛି ।

***PR***

# ତାଲିମ କାର୍ଯ୍ୟକ୍ରମ

ସଡ଼କ ସୁରକ୍ଷା ସୁନିଶ୍ଚିତ କରିବାନେଇ ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ଏବଂ ଆଇଆଇଟି ମାଡ୍ରାସର ମିଳିତ ଆନୁକୂଲ୍ୟରେ ଏକଦିବସୀୟ ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୩୫ଜଣ ଦୁର୍ଘଟଣା ତଦନ୍ତ ଅଧିକାରୀ ଏଥିରେ ଯୋଗଦେଇ ତାଲିମ ଗ୍ରହଣ କରିଥିଲେ ।

***HS***

## ବର୍ଷା ରେକର୍ଡ

ଚଳିତ ମୌସୁମୀ ଋତୁରେ ଗତ ଜୁନ୍ ପହିଲାରୁ ଏ ପର୍ଯ୍ୟନ୍ତ ରାଜ୍ୟରେ ସ୍ୱାଭାବିକଠାରୁ ଅଧିକ ବର୍ଷା ରେକର୍ଡ କରାଯାଇଛି। ଏ ପର୍ଯ୍ୟନ୍ତ ହାରାହାରି ୪୬୯ ମିଲିମିଟର ବର୍ଷା ହୋଇଛି। ସ୍ୱାଭାବିକ ବର୍ଷାଠାରୁ ଏହା ୨୩ ପ୍ରତିଶତ ଅଧିକ ଥିବା ଜଣାପଡ଼ିଛି। ତିନୋଟି ଜିଲ୍ଲାରେ ବର୍ଷାର ପରିମାଣ ସବୁଠୁ ଅଧିକ ରହିଥିବା ବେଳେ ୧୩ଟି ଜିଲ୍ଲାରେ ସ୍ୱାଭାବିକଠାରୁ ଅଧିକ

୧୧ଟି ଜିଲ୍ଲାରେ ସ୍ୱାଭାବିକ ବର୍ଷା ଏବଂ ତିନୋଟି ଜିଲ୍ଲାରେ ନିଅଣ୍ଟିଆ ବର୍ଷା ହୋଇଥିବା ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି ।

***HS***

## ପାଣିପାଗ

ରାଜ୍ୟର ବିଭିନ୍ନ ଅଞ୍ଚଳରେ ସପ୍ତାହକ ମଧ୍ୟରେ ସାମାନ୍ୟରୁ ମଧ୍ୟମ ଧରଣର ବର୍ଷା ହେବା ସହ ତାପମାତ୍ରା ହ୍ରାସ ପାଇବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ସୂଚନା ଦେଇଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବଜ୍ରପାତ ସହ ବର୍ଷା ନେଇ ୨୨ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର କେତେକ ସ୍ଥାନରେ ମଧ୍ୟମ ଧରଣର ବର୍ଷା ହେବା ସହ ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହୋଇଛି । ଗଞ୍ଜାମ ଜିଲ୍ଲାର ଜଗନ୍ନାଥପ୍ରସାଦରେ ସର୍ବାଧିକ ୭୪ ଦଶମିକ ୨ ମିଲିମିଟର ବର୍ଷା ରେକର୍ଡ କରାଯାଇଛି ।

*******************************